# ‘ନଦୀ’ମାତୃକା ଦେଶ ବା ରାଜ୍ୟ ଆଜି ମୁମୂର୍ଷୁ ଘେରରେ !

ସ୍ୱତନ୍ତ୍ର ସଂଖ୍ୟା ‘ନଦୀ’ । ନଦୀଉପରେ କିଛି ଆଲୋଚନା କରିବା ପୂର୍ବରୁ ପ୍ରଥମେ ମୁଁ ଦୁଇପଦ କଥା ରଖିବି । ‘ସମଦୃଷ୍ଟି’ର ପ୍ରିୟ ପାଠକ ଓ ସମ୍ମାନସ୍ପଦ ଲେଖକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ମୁଁ ପ୍ରିୟ ସୁଧୀର ଭାଇଙ୍କୁ କୃତଜ୍ଞତା ଜଣାଇବି ଯେ, ମୋର ତାଙ୍କପ୍ରତି ଥିବା ସମ୍ମାନକୁ ଅସ୍ତ୍ରରୂପେ ସେ ବ୍ୟବହାର କରି ‘ସମଦୃଷ୍ଟି’ର ସମ୍ପାଦକ ହେବା ପାଇଁ ଏକ ପ୍ରକାର ବାଧ୍ୟ କରିଛନ୍ତି । ଏହି କାର୍ଯ୍ୟ ତୁଲାଇବାପାଇଁ ସେ ନିଶ୍ଚିତ ଭାବେ ମୋ ସହ ରହିବେ; ଏହି ଆଶା ଓ ବିଶ୍ୱାସ ମୋର ରହିଛି । ମୋର ଆପଣମାନଙ୍କୁ ଅନୁରୋଧ ରହିବ ଆମେ ସମସ୍ତେ ଏକାଠି ହୋଇ ଏହି ଅନ୍ତରଙ୍ଗ ଓ ସତ୍ୟଧର୍ମୀ ପାକ୍ଷିକ ସମ୍ବାଦପତ୍ରକୁ ଆଗେଇ ନେବାପାଇଁ ଆମେ ଯେମିତି ଗୋଟିଏ ସମୂହ ହିସାବରେ କାମ କରିବା । କର୍ଯ୍ୟ ସମ୍ପାଦାନ କଲାବେଳେ ଯଦି କିଛି ତୃଟି ବା ସୀମିତତା ଆପଣ ଦେଖନ୍ତି, ମୋର ବିନମ୍ର ଅନୁରୋଧ ରହିବ ଯେ ମୋତେ ଏ ସମ୍ପର୍କରେ ଅବଗତ କରାଇବେ । ଚାଲନ୍ତୁ ସମସ୍ତେ ମିଶି ୨୧ବର୍ଷ ଧରି ଚାଲିଥିବା ଏହି ଅଣକର୍ପୋରେଟ ଗଣମାଧ୍ୟମଟିକୁ ଅଧିକରୁ ଅଧିକ ବଳିଷ୍ଠ କରି ଠିଆ କରାଇବା ।

ଆଗାମୀ ଦିନରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆମେ ସ୍ୱତନ୍ତ୍ର ସଂଖ୍ୟାମାନ ପ୍ରସ୍ତୁତ କରିବୁ । ପ୍ରତିଟି ସ୍ୱତନ୍ତ୍ର ସଂଖ୍ୟାର ଉନ୍ମୋଚନ ନୂଆ ନୂଆ ସ୍ଥାନରେ ହେବ । ସ୍ୱତନ୍ତ୍ର ସଂଖ୍ୟା ପାଇଁ ଲେଖିବା ନିମନ୍ତେ ଆମେ ଆପଣ ମାନଙ୍କୁ ପତ୍ରିକା ମାଧ୍ୟମରେ ଅନୁରୋଧ  ରଖିବା ସହ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶନ ନିମନ୍ତେ ଆପଣଙ୍କର ଆର୍ଥିକ ସହଯୋଗ ମଧ୍ୟ କାମନା କରିବୁ । ସ୍ୱତନ୍ତ୍ର ସଂଖ୍ୟାଗୁଡ଼ିକ ପ୍ରସ୍ତୁତିରେ ମୋତେ ସକ୍ରିୟ ସହଯୋଗ କରିବେ ଶିବାଶୀଷ । ଚଳିତ ସଂଖ୍ୟା ‘ନଦୀ’ଉପରେ ଉପସ୍ଥାପନ କରିବା ପଛରେ ଥିବା କାରଣଟି ସ୍ପଷ୍ଟ । ଏବେ ସବୁଠାରୁ ଅଧିକ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ପ୍ରକୃତିର ଗୋଟିଏ ମୂଲ୍ୟବାନ ଅଙ୍ଗ ହେଉଛି ନଦୀ । ବିଡ଼ମ୍ବନାର କଥା ଯେ ନଦୀର ବର୍ତ୍ତମାନର ସ୍ଥିତିକୁ ନେଇ ଆମମାନଙ୍କ ମନରେ ପ୍ରଶ୍ନଟିଏ ଆସୁ ନାହିଁ । ଗୋଟିଏ ପ୍ରଶ୍ନ କଲେ ଆଉକିଛି ପ୍ରଶ୍ନ ଆପେ ଆପେ ଆସି ଯାଆନ୍ତା, ଗୋଟିଏ ପ୍ରଶ୍ନର ଉତ୍ତର ଖୋଜିବା ପ୍ରକ୍ରିୟାରେ ଅନେକ ପ୍ରଶ୍ନ ସହ ମୁକାବିଲା କରିବାକୁ ପଡ଼ନ୍ତା । ତେବେ ପ୍ରଶ୍ନ ପଚାରିବା ଏକ ନିରୀହ କାମ ନୁହଁ, ସୁଧୀର ଭାଇ ଆଗରୁ କହି ଆସିଛନ୍ତି । ଠିକଣା ପ୍ରଶ୍ନ ପଚାରିବା ନିଜେ କେତେ କଥାଟିକୁ ବୁଝିଛେ , ସେଥିପ୍ରତି ଇଙ୍ଗିତ କରେ । ଆମ ଆଖିରେ ଏବଂ କାନରେ ସ୍ପର୍ଶ କରୁଥିବା ଅନେକ ନିରୀହ ପ୍ରଶ୍ନ ଆମ ଚାରିପଟେ ବୁଲୁଛନ୍ତି । ନଦୀ ସମ୍ପର୍କିତ ଗୋଟିଏ ନିରୀହ ପ୍ରଶ୍ନ ଆମେ ସମସ୍ତେ ଆଜିକାଲି ଦେଖୁଛନ୍ତି । ପ୍ରଶ୍ନଟି ହେଉଛି ବାଲିମାଫିଆ ନଦୀପଠାରୁ ହଜାରହଜାର ଟନ୍ ବାଲି ଚୋରିକରି ନେଇଯାଉଥିବା ବେଳେ ତାଙ୍କୁ କାହିଁକି ରୋକାଯାଉନି ? ଏହି ପ୍ରଶ୍ନର ଉତ୍ତର କିଏ ଦେବ( ?), ସେ ସମ୍ପର୍କରେ ଚିନ୍ତା ବି କରାଯାଉନି । ପ୍ରଶ୍ନକର୍ତ୍ତାଙ୍କ ଭିତରେ ଅଛନ୍ତି ସେମାନେ ଯେଉଁମାନେ ନିଜ ଜମିକୁ ରିଅଲ ଇଷ୍ଟେଟ ବା ଗୃହ ନିର୍ମାଣକାରୀ ସଂସ୍ଥାମାନଙ୍କୁ ବିକ୍ରି କରିବା ପଇଁ ଗୋଡ଼ କାଢ଼ି ବସିଛନ୍ତି । ପ୍ରଶ୍ନକର୍ତ୍ତାଙ୍କ ଭିତରେ ସେମାନେ ମଧ୍ୟ ଅଛନ୍ତି ଯେଉଁମାନେ ବିଭିନ୍ନ କାରଣରୁ ଗାଁରୁ ଛୋଟ ସହର ବା ଛୋଟ ସହରରୁ ବଡ଼ ସହରମୁହାଁ ହେଉଛନ୍ତି । ଅନେକଙ୍କର ଆଶା, ସହରରେ ଘରଟିଏ କରିବେ ବା ଗୃହ ନିର୍ମାଣ ସଂସ୍ଥାମାନଙ୍କଠାରୁ ଘରଟିଏ କିଣିବେ । ବିନା ବାଲିରେ କଣ ଘର ତିଆରି ସମ୍ଭବ ? ଏହି ପ୍ରଶ୍ନଟି ମନକୁ କେବେ ଆସେ ନାହିଁ । ପୁଣି ଥିଲାବାଲାଙ୍କ ସ୍ୱପ୍ନ ସଡ଼କ/ ଭିତ୍ତିଭୂମି ସବୁ ବିକଶିତ ହେବ, ଅଭିବୃଦ୍ଧି ବଢ଼ିବ । ତାହେଲେ ହିଁ ବିକଶିତ ଭାରତର ସ୍ୱପ୍ନ ସାକାର ହେବ । କାହାରି ମନରେ ପ୍ରଶ୍ନ ଆସେ ନାହିଁ ଏତେ ସବୁ ନିର୍ମାଣପାଇଁ ବାଲି କେଉଁଠୁ ଆସିବ ? ବିନା ବାଲିରେ ନିର୍ମାଣ କାର୍ଯ୍ୟ କରିବାର ବିକଳ୍ପ କ’ଣ ଆମେ ତିଆରି କରିପାରିଛନ୍ତି ?

ସମଗ୍ର ଦେଶରେ ଦୃତଗତିରେ ଯେଉଁ ନିର୍ମାଣ କାମ ଚାଲିଛି ସେଥିପାଇଁ କେତେ ବାଲି ଦରକାର ପଡୁଛି ଓ ବାଲି ଆସୁଛି କେଉଁଠୁ – ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ । ବାଲିଖୋଳା ଅଧିକ ଅବୈଧ ଓ କମ ବୈଧ ଉପାୟରେ ଚାଲିଛି । ଗୋଟିଏ ହିସାବ ମୁତାବକ ଆମ ଦେଶରେ ନିର୍ମାଣ କାର୍ଯ୍ୟପାଇଁ ବର୍ଷକୁ ୯୦ କୋଟି ଟନ୍ ବାଲି ଦରକାର ପଡୁଛି । ଏହି ଆବଶ୍ୟକତା ୨୦୩୦ ବେଳକୁ ୧୫୦ କୋଟି ଟନ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ତେବେ ସରକାରୀ ଅନୁମତି ଥାଇ ନଦୀ ପଠାରୁ ଯେଉଁ ବାଲି ଚାଲାଣ ହେଉଛି, ତାହାର ପରିମାଣ ମାତ୍ର ୨୧ଲକ୍ଷ ଟନ୍ । ଅବଶିଷ୍ଟ ୮୯କୋଟି ୭୯ଲକ୍ଷ ଟନ୍ ବାଲି ଚୋରାରେ ହିଁ ଖନନ କରାଯାଉଛି । ନିର୍ମାଣ କାର୍ଯ୍ୟକୁ ଆକ୍ରମଣାତ୍ମକ ଭାବେ ବଢ଼ାଇ ଦିଆଯାଉଥିବା ବେଳେ ଏବଂ ବାଲିର ଚାହିଦା ଅପ୍ରତ୍ୟାଶିତ ଭାବେ ବଢ଼ି ଚାଲିଥିବାବେଳେ, ଆମେ ଚୋରା ବାଲିଚାଲାଣକୁ ରୋକିବା କେମିତି ? ବାଲି ଚୋରାଚାଲାଣକୁ ଆମେ ଯେତେବେଳେ ଅବୈଧ କହୁ, ଏକଥାଟି ମନରେ ରଖିବାକୁ ହେବ ଯେ ପ୍ରାୟତଃ ସବୁ

ନିର୍ମାଣ କାର୍ଯ୍ୟ ସରକାରୀ ଅନୁମୋଦନ ଥାଇ କରାଯାଉଛି। ଆମ ବିକାଶ ନୀତିରେ ଯନ୍ତ୍ରଣା ଜର୍ଜରିତ ନଦୀମାନଙ୍କୁ ଯେମିତି ଶବ ହିଁ ହେବାକୁ ପଡ଼ିବ ! ଏଠି କେବେ ଗୋଟିଏ ନଦୀଥିଲା, ଏକଥା ବୟସ୍କମାନେ କୁନି କୁନି ପିଲାମାନଙ୍କୁ କହି କେବଳ କାହାଣୀ ହିଁ ଶୁଣାଇବେ।

ଅନ୍ୟ ଏକ ଅଧ୍ୟୟନ ମୁତାବକ ଗଙ୍ଗା-ବ୍ରହ୍ମପୁତ୍ର -ମେଘନା ନଦୀର ଉପରମୁଣ୍ଡରେ ପ୍ରତ୍ୟେକ ବର୍ଷ ୧ କୋଟି ୧୫ଲକ୍ଷ ଟନ ବାଲି ଖୋଳାଯାଉଛି। ଗଙ୍ଗାର ତଳମୁଣ୍ଡରେ ଆଲ୍ଲାହାବାଦ/ପ୍ରୟାଗରାଜ ଅଞ୍ଚଳରେ ବହୁତ ବଡ଼ଧରଣର ବାଲିଚୋରି ଚାଲିଛି। ନଦୀକୂଳବାସୀ ପ୍ରତିବାଦ କଲେ ପୋଲିସ ଓ ଗୁଣ୍ଡାବାହିନୀର ଆକ୍ରମଣର ଶିକାର ହେଉଛନ୍ତି। ଜଣେ ଚିକିତ୍ସକ ତଥା କୃଷକନେତା ଡଃ ଆଶୀଷ ମିତ୍ତଲଙ୍କ ନେତୃତ୍ୱରେ ବାଲିମାଫିଆଙ୍କ ବିରୋଧରେ  ସେଠି ଏକ ବଡ଼ଧରଣର ଜନଆନ୍ଦୋଳନ ଚାଲିଛି। ଏହି ପ୍ରତିବାଦ ଆନ୍ଦୋଳନ ଉପରେ ଯୋଗୀ ଆଦିତ୍ୟନାଥ ସରକାରଙ୍କର ଦମନଲୀଳା ଚାଲିଥିଲେ ମଧ୍ୟ ପ୍ରତିବାଦ ଜାରି ରହିଛି। ଅନ୍ୟ କେଉଁଠି ଏପରି ଆନ୍ଦୋଳନ ଦେଖିବାକୁ ମିଳୁନାହିଁ। ଅସଲ ମଞ୍ଜ କଥାଟି କିନ୍ତୁ ଲୁଚି ରହିଛି, ବିକାଶକୁ ନେଇଥିବା ଆମର ସ୍ୱପ୍ନ ଅଭିଳାଷ ଓ ଢାଞ୍ଚା ଭିତରେ। ଏହି କଥାଟିକୁ ନବୁଝିଲେ ଆମେ ଚୋରି ହେଉଥିବା ନଦୀ ବାଲି, ବିଲୁପ୍ତ ହୋଇ ଆସୁଥିବା ନଦୀମାନଙ୍କର ଦୁଃଖକୁ ବୁଝିପାରିବାନି।  ଏଭଳି ଏକ ଅବସ୍ଥା ଆମ ବିଭୀଷିକାମୟ ଆଶଙ୍କାକୁ କେତେ ବହୁଗୁଣିତ କରୁଛି, ସେକଥା ମଧ୍ୟ ବୁଝି ପାରିବା ନାହିଁ।

ସମଗ୍ର ବିଶ୍ୱରେ ନଦୀମାନଙ୍କର ଧାର ହ୍ରାସ ପାଇବାରେ ଲାଗିଛି। କେବଳ ଗତ ୨୫ବର୍ଷ ଭିତରେ ବିଶ୍ୱର ୪୦୦ରୁ ଉର୍ଦ୍ଧ୍ୱ ନଦୀ ଉପତ୍ୟକାରେ ମାତ୍ରାଧିକ ପାଣିର ବ୍ୟବହାର, ଖଣି ଓ ଶିଳ୍ପ ନଦୀ ପ୍ରଦୂଷଣ ତଥା ଜଳବାୟୁ ପରିବର୍ତ୍ତନ ଯୋଗୁଁ ନଦୀର ଧାର ହ୍ରାସ ପାଇବାରେ ଲାଗିଛି। ସବୁଠାରୁ ବଡ଼ ବଡ଼ ନଦୀ ଆମାଜନ ଏବଂ ଗଙ୍ଗା ଭଳି ନଦୀମାନଙ୍କର ଧାର ଅପ୍ରତ୍ୟାଶିତ ଭାବେ ହ୍ରାସ ପାଇବାରେ ଲାଗିଛି। ଏକଥା ମଧ୍ୟ ସଂଯୁକ୍ତରାଷ୍ଟ୍ର ସଂଗଠନ ଅନୁଭବ କରୁଛନ୍ତି। ଏସିଆ, ଦକ୍ଷିଣ ଆମେରିକା, ଉତ୍ତର ଆମେରିକା ଏବଂ ୟୁରୋପ ଭଳି ସବୁ ମହାଦେଶରେ ନଦୀମାନଙ୍କର ସ୍ଥିତି ପ୍ରାୟତଃ ଏକ ପ୍ରକାରର। ଓଡ଼ିଶାରେ ଜଳର ସ୍ଥିତି କେତେ ଉଦବେଗଜନକ କିଛି ପୂର୍ବ ସଂଖ୍ୟାରେ ଆମେ କହିସାରିଛୁ। ଏଠି ସବୁ ନଦୀ ଜଳଭଣ୍ଡାର ଏବଂ ନଦୀ ଉପତ୍ୟକାର ଭୂତଳ ଜଳ, ଖଣିଜ ଶିଳ୍ପ ଓ କଳକାରଖାନା ପାଇଁ ଉନ୍ମୁକ୍ତ କରିସାରିଛନ୍ତି। ଅନ୍ୟପଟେ କଳକାରଖାନାର ବିଷାକ୍ତ ପାଣି ସେହି ନଦୀମାନଙ୍କୁ ଛାଡ଼ିଦେଇ ନଦୀଗୁଡ଼ିକୁ ନର୍ଦ୍ଦମାରେ ପରିଣତ କରାଯାଉଛି। ନଦୀ ଆଉ କେଉଁଠି ବି ଲୋକଙ୍କର ହୋଇ ରହି ନାହିଁ। ଆଗରୁ ଆମେ ଯେଉଁ ପ୍ରଶ୍ନଟି କରୁଥିଲୁ, ତାକୁ ଆମେ ଏଠି ପୁଣିଥରେ ଦୋହରାଉଛୁ, ସତରେ ନଦୀ ବା ଜଳ କାହାର ? ନଦୀ ରୂପରେ ହେଉ ବା ଅନ୍ୟ କେଉଁ ପ୍ରକାରେ ହେଉ ଜଳ ଏକ ପ୍ରକୃତିଦତ୍ତ ଉପହାର। ତେବେ ପ୍ରକୃତି ନିଜେ ଆଜି ବିପନ୍ନ ହେବା ଅବସ୍ଥାରେ ପହଞ୍ଚିଛି। ଯେଉଁମାନେ ଜଳ ଉପରେ ବା ତାକୁ ବୋହିନେଉଥିବା ନଦୀ ଉପରେ ଅତ୍ୟାଚାର କରୁଛନ୍ତି ସେମାନେ ବଞ୍ଚିରହିବା ପାଇଁ ସଂଘର୍ଷ କରୁଥିବା ମଣିଷମାନଙ୍କଠାରୁ ଜଳ ଚୋରି କରି ନେଇଯାଉଥିବା କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ସ୍ୱତନ୍ତ୍ର ସଂଖ୍ୟାରେ ଯେଉଁ ପ୍ରିୟ ଲେଖକମାନେ ଆଲେଖ ଓ କବିତା ଉପସ୍ଥାପନ କରିଛନ୍ତି ଆମେ ସେମାନଙ୍କୁ ଧନ୍ୟବାଦ ଜଣାଉଛୁ। ଆଶା କରୁଛୁ ଆଗାମୀ ଦିନରେ ନଦୀମାନଙ୍କର ସ୍ଥିତି ସମ୍ପର୍କରେ ଅଧିକ ଅଧ୍ୟୟନ ଓ ଗବେଷଣା ହେବ ଏବଂ ସେ ସବୁର ପ୍ରକାଶନ ନିମନ୍ତେ ଆମକୁ ସୁଯୋଗ ମିଳିବ।

ନଦୀ-ଜଳ ଉତ୍ସଗୁଡ଼ିକର ସୁରକ୍ଷା ହିଁ ଜୀବନ ସୁରକ୍ଷା।